# ଓପିଜିସି ଆନ୍ତଃ ଘରୋଇ କ୍ରୀଡ଼ା ପ୍ରତିଯୋଗିତା



ଲଖନପୁର,୫ ।୧ (ନି.ପ୍ର): ଇବଥର୍ମାଲ ପାୱାର ଷ୍ଟେସନ ବନହରପାଲିର ରାଜୀବଗାନ୍ଧୀ ଖେଳ ପଡିଆ ଠାରେ ସ୍ଥାନୀୟ କାର୍ଯ୍ୟରତ କର୍ମଚାରୀ ମାନଙ୍କୁ ନେଇ ଏକ କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଛି । ୧୫ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଖେଳ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ ଡାଇରେକ୍ଟର ପର୍ସନାଲ୍ ଇନ୍ଦ୍ରନୀଲ ଦତ୍ତାଙ୍କ ଦ୍ୱାରା ହୋଇଥିବା ବେଳେ ସ୍ଥାନୀୟ ଓପିଜିସି ଡାକ୍ତରଖାନାର ମୁଖ୍ୟ ବିଜୟଲାଲ ବିଶ୍ୱାଳ,ପ୍ରଦୀପ କୁମାର ପାତ୍ର,ପ୍ରଶାସନିକ ମୁଖ୍ୟ ଚିତ୍ତରଞ୍ଜନ ସାଇଁ ଓ ହିମାଂଶୁ ବେହେରା ଉପସ୍ଥିତ ଥିଲେ । ଏହି ଅବସରରରେ ଶ୍ରୀ ଦତ୍ତା ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ, କର୍ମଚାରୀ ମାନଙ୍କ ପାଇଁ ଖେଳର ନିହାତି ଆବଶ୍ୟକ । ଖେଳ ଯୋଗୁଁ ଶାରୀରିକ ସୁସ୍ଥତା ବଜାୟ ରହିବ । ଏହି ପ୍ରତିଯୋଗିତାରେ ସାମିଲ ଥିବା ପ୍ରକାଶ । ଖେଳ ଯୋଗୁଁ ଶରୀରର ସୁସ୍ଥତା ବଜାୟ ରହିବ । ପ୍ରତିଯୋଗିତାରେ କ୍ରିକେଟ, ଭଲିବଲ, ଫୁଟବଲ,ବ୍ୟାଡମିଣ୍ଟନ ସମେତ ଅନ୍ୟାନ୍ୟ କ୍ରୀଡା ସାମିଲ ଥିବା ପ୍ରକାଶ । ଆଜି ୪ଶହ ମିଟର ଦୌଡ,ଶହେ ମିଟର ଦୌଡ ପ୍ରତିଯୋଗିତା ପୁରୁଷ ଓ ମହିଳା ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଜଣାଯାଇଛି ।